# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 20 May – 2024

# ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ

ଦେଶରେ ପଞ୍ଚମ ତଥା ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ କିଛି ସମୟ ପୂର୍ବରୁ ଭୋଟ ଗ୍ରହଣ ଆରମ୍ଭ ହୋଇଛି । ରାଜ୍ୟର ୫ଟି ସଂସଦୀୟ ଆସନ ସୁନ୍ଦରଗଡ଼, ବରଗଡ଼, ବଲାଙ୍ଗିର, କନ୍ଧମାଳ ଓ ଆସ୍କା ଏବଂ ଏହା ଅନ୍ତର୍ଗତ ୩୫ଟି ବିଧାନସଭା ଆସନ ଲାଗି ମତଦାନ ଚାଲିଛି । ମତଦାନ ପାଇଁ ୯ ହଜାର ୧୪୮ଟି ମତଦାନ କେନ୍ଦ୍ର ଓ ୧୪ଟି ଅତିରିକ୍ତ ମତଦାନ କେନ୍ଦ୍ରରେ ଅଣାଅଶୀ ଲକ୍ଷ ଅଣସ୍ତରୀ ହଜାର ୮୮୭ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ ।

ଲୋକସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ବିଜେପିରୁ ପୂର୍ବତନ ମନ୍ତ୍ରୀ ତଥା ସାଂସଦ ଜୁଏଲ୍ ଓରାମ୍, ସଙ୍ଗୀତା କୁମାରୀ ସିଂଦେଓ, ବିଜେଡିରୁ ଭାରତୀୟ ହକି ଦଳର ପୂର୍ବତନ କ୍ୟାପ୍ଟେନ୍ ଦିଲ୍ଲୀପ ତିର୍କି, ପୂର୍ବତନ ମନ୍ତ୍ରୀ ଦିଲ୍ଲୀପ ରାୟ ଅଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ହିଞ୍ଜିଳି ଏବଂ କଣ୍ଟାବାଞ୍ଜି ଆସନରୁ ନିର୍ବାଚନ ଲଢୁଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବିଜେଡିରୁ ବିକ୍ରମ କେଶରୀ ଆରୁଖ, ନିରଞ୍ଜନ ପୂଜାରୀ, ପ୍ରଦୀପ କୁମାର ଅମାତ, ଟୁକୁନୀ ସାହୁ ପ୍ରମୁଖଙ୍କ ରାଜନୈତିକ ଭବିଷ୍ୟତ ଆଜି ଭୋଟରମାନେ ନିର୍ଦ୍ଧାରଣ କରିବେ ।

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଲାଗି ପୁରୀରେ ପହଞ୍ଚିଛନ୍ତି । ପ୍ରଥମେ ଶ୍ରୀଜୀଉଙ୍କୁ ଦର୍ଶନ କରିବା ପରେ ବଡଦାଣ୍ଡରେ ପ୍ରଧାନମନ୍ତ୍ରୀ ଏକ ନିର୍ବାଚନୀ ରୋଡ଼ ଶୋ'ରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ । ଶ୍ରୀମନ୍ଦିରଠାରୁ ମେଡ଼ିକାଲ ଛକ ପର୍ଯ୍ୟନ୍ତ ଏହି ରୋଡ ଶୋ' ଅନୁଷ୍ଠିତ ହେବ । ପୁରୀ କାର୍ଯ୍ୟକ୍ରମ ପରେ ପ୍ରଧାନମନ୍ତ୍ରୀ ଅନୁଗୁଳ ଯାଇ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ । ଏହାପରେ ଶ୍ରୀ ମୋଦୀଙ୍କର କଟକଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନୀ ସଭାକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମରହିଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗତକାଲି ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଭୁବନେଶ୍ୱର ଦଳୀୟ କର୍ମୀମାନଙ୍କ ସହିତ ଏକ ବୈଠକ କରିବା ସହ ରାଜଭବନରେ ରାତ୍ରୀଯାପନ କରିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ରୋଡ ଶୋ'

ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ପାଇଁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱରଠାରେ ଏକ ରୋଡ ଶୋ'ରେ ଭାଗ ନେବେ । ପଳାସପଲ୍ଲୀ ପୁନାମା ଗେଟ୍ ଫ୍ଲାଏ ଓଭର ବ୍ରିଜ୍ଠାରୁ ଏହି ରୋଡ ଶୋ' ଆରମ୍ଭ ହୋଇ ଏକାମ୍ର ଛକ ପର୍ଯ୍ୟନ୍ତ ଯିବ ।

ଅନ୍ୟପକ୍ଷରେ ଅଖିଳ ଭାରତୀୟ କଂଗ୍ରେସ କମିଟିର ମଲ୍ଲିକାର୍ଜୁନ ଖଡଗେ, ଦଳର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଏବଂ ସାଧାରଣ ସଂପାଦିକା ପ୍ରିୟଙ୍କା ଗାନ୍ଧୀ ଚଳିତମାସ ଶେଷ ସପ୍ତାହରେ ଓଡ଼ିଶା ଗସ୍ତରେ ଆସି ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତ୍‌ସିଂହପୁର, ପାରାଦ୍ୱୀପ, ମୟୂରଭଞ୍ଜ ଆଦି ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବେ ବୋଲି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର କହିଛନ୍ତି ।

## ରାଜନାଥ ସିଂହଙ୍କ ପ୍ରଚାର

୧୦ବର୍ଷର ଏନ୍‌ଡିଏ ସରକାର ଅମଳରେ ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ପାଇଁ ବହୁ ଲୋକାଭିମୁଖୀ ଯୋଜନା କାର୍ଯ୍ୟକାରୀ ହୋଇଛି ବୋଲି ବିଜେପିର ବରିଷ୍ଠ ନେତା ତଥା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ନିର୍ବାଚନୀ ପ୍ରଚାରରେ ଆସି ଗତକାଲି ସଂଧ୍ୟାରେ ଖୋର୍ଦ୍ଧାଠାରେ ଏକ ଜନସମାବେଶକୁ ସମ୍ବୋଧନ କରି ବିଜେପି ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଜୟଯୁକ୍ତ କରାଇବା ପାଇଁ ଭୋଟରମାନଙ୍କୁ ନିବେଦନ କରିଛନ୍ତି ।

## ପୁଲିଂ ଅଧିକାରୀଙ୍କ ମୃତ୍ୟୁ

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା ମଣ୍ଡଳୀର ଟିଟିଲାଗଡ ଭୋଟ୍ କେନ୍ଦ୍ରଠାରେ କାର୍ଯ୍ୟରତ ଥିବା ଅବସ୍ଥାରେ ଜଣେ ପୁଲିଂ ଅଧିକାରୀଙ୍କର ମୃତ୍ୟୁ ଘଟିଛି । ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ତୁରନ୍ତ ଡାକ୍ତରଖାନାକୁ ନିଆଯାଇଥିଲା ଏବଂ ସେଠାରେ ଡାକ୍ତର ତାଙ୍କୁ ମୃତ

ଘୋଷଣା କରିଥିଲେ । ଏହି ଘଟଣାରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଭୀର ଶୋକପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି । ନିୟମ ଅନୁସାରେ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୧୫ଲକ୍ଷ ଟଙ୍କାର ଅତିରିକ୍ତ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି ।

## ରଥରେ ବିନ୍ଧା କାର୍ଯ୍ୟ ଶେଷ

ପୁରୀ ଶ୍ରୀକ୍ଷେତ୍ର ରଥଖଳାରେ ତିନିରଥର ୩୩ଟି ଯାକ ତୁମ୍ବରେ ବିନ୍ଧ କାର୍ଯ୍ୟ ଶେଷ ହୋଇଛି । ତାଳଧ୍ଵଜ ରଥର ୧୧ଟି, ଦେବଦଳନ ରଥର ୧୦ଟି ଏବଂ ନନ୍ଦିଘୋଷ ରଥର ୧୨ଟି ତୁମ୍ବରେ ୩୨ଟି ଲେଖାଏଁ ବିନ୍ଧ କରାଯାଇଛି । ଏହାପରେ ବିନ୍ଧ ଗୁଡ଼ିକରେ ଅରପଟା ସଂଯୋଗ କରାଯିବ । ସେହିଭଳି ଅସ୍ଥାୟୀ କମାରଶାଳରେ ଅରକଣ୍ଟା ଏବଂ ପନ୍ଦାରୀ ନିର୍ମାଣ କାର୍ଯ୍ୟ ଚାଲିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଡଲ୍‌ଫିନ ସୁରକ୍ଷା

ଚିଲିକାରେ ଇରାୱାଡି ଡଲଫିନ୍‌ର ସୁରକ୍ଷା ପାଇଁ ବାଲୁଗାଁ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ନୂଆପଡା ରେଞ୍ଜ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପ୍ରତ୍ୟେକ ଦିନ ସ୍ୱତନ୍ତ୍ର ଟିମ୍ ମାଧ୍ୟମରେ ଡଲଫିନ୍ ରହୁଥିବା ଚିଲିକାର ସୀମାରେ ସୁରକ୍ଷା ଦେଉଛନ୍ତି । ଡଙ୍ଗା ଚାଳକଙ୍କୁ

ଡଲଫିନ୍ ସୁରକ୍ଷା ନେଇ ସଚେତନ କରାଯିବା ସହିତ ସ୍ଥାନୀୟ ଜନସାଧାରଣ, ମତ୍ସ୍ୟଜୀବୀ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନଙ୍କୁ ଏଥିରେ ସାମିଲ କରାଯାଇଛି ।

## ଇଣ୍ଡିଆ ସ୍କିଲ୍ ପ୍ରତିଯୋଗିତା

ଇଣ୍ଡିଆ ସ୍କିଲ୍ ୨୦୨୪ ଜାତୀୟ ପ୍ରତିଯୋଗିତାର ଓଡ଼ିଶା ଦଳ ମୋଟ୍ ୫୨ଟି ପଦକ ହାସଲ କରିଛି । ଓଡ଼ିଶା ୧୫ଟି ସ୍ୱର୍ଣ୍ଣ, ୧୬ଟି ରୌପ୍ୟ ଏବଂ ୯ଟି ବ୍ରୋଞ୍ଜ ପଦକ ପାଇଛି । ୧୨ଜଣଙ୍କୁ ମେଡାଲିୟନ ଅପ୍ ଏକ୍ସଲେନ୍ସ ପୁରସ୍କାର ମିଳିଛି । ଜାତୀୟ ଦକ୍ଷତା ବିକାଶ ନିଗମ ଦ୍ୱାରା ଗତ ୧୫ତାରିଖରୁ ଏହି ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ୯ଟି କେନ୍ଦ୍ରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ୯୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଓଡ଼ିଶା ପ୍ରତିଯୋଗୀଙ୍କ ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।